# ସୂଚନା ଅଧିକାର ଆଇନ୍, ୨୦୦୫ ଉପରେ ଓଡିଶା ସଚିବାଳୟର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ୨୨ ଅଗଷ୍ଟ ୨୦୦୫ରେ ଅନୁଷ୍ଠିତ ହୋଇଥିବା କେନ୍ଦ୍ରୀୟ କ୍ରିୟାନ୍ୱୟନ କମିଟି ବୈଠକର କାର୍ଯ୍ୟବିବରଣୀ

---

ମୁଖ୍ୟ ଶାସନ-ସଚିବ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଅଂଶଗ୍ରହଣ କରିଥିବା ସଭ୍ୟମାନଙ୍କର ଏକ ତାଲିକା ଏହା ସହିତ ସଂଯୁକ୍ତ ନଥି- 'ଏ' ଭାବେ ସଂଲଗ୍ନ କରାଯାଇଛି ।

ଆଲୋଚନା ଆରମ୍ଭ କରି ମୁଖ୍ୟ ଶାସନ-ସଚିବ ସୂଚନା ଅଧିକାର ଆଇନ୍, ୨୦୦୫ର ବିଭିନ୍ନ ଦିଗକୁ ବ୍ୟାଖ୍ୟା କରିଥିଲେ । ସେ କହିଲେ ଯେ, ୧୫ ଜୁନ୍, ୨୦୦୫ରେ ସୂଚନା ଅଧିକାର ଆଇନ୍ ପ୍ରବର୍ତ୍ତୀତ ହୋଇସାରିଛି । ଏହାର କେତେକ ପ୍ରାବ୍ଧାନ (ଧାରା ୪,୫, ୧୫, ୧୬, ୨୪, ୨୭ ଏବଂ ୨୮), ଯେଉଁଗୁଡିକ କି ଆଇନ୍‌ର କ୍ରିୟାନ୍ୱୟନ ପାଇଁ ଆବଶ୍ୟକ ହେଉଥିବା ପ୍ରସ୍ତୁତି ସହ ସଂପର୍କୀତ, ଉକ୍ତ ପ୍ରବର୍ତ୍ତନ ତାରିଖଠାରୁ ବଳବତ୍ତର ହୋଇସାରିଛି ଏବଂ ଅନ୍ୟ ପ୍ରାବ୍ଧାନଗୁଡିକ ୧୨ ଅକ୍ଟୋବର, ୨୦୦୫ରେ ବଳବତ୍ତର ହେବ । ସେ ପୁଣି ମନ୍ତବ୍ୟ ଦେଲେ ଯେ, ଜନସାଧାରଣଙ୍କ ପାଇଁ ତଥା ଏହି ଆଇନ୍ ଅଧୀନସ୍ଥ ଜନ କର୍ତ୍ତୃପକ୍ଷମାନଙ୍କ ପାଇଁ ଏହି ଆଇନ୍ ବେଶ୍ ଉପକାର ଆଣିଦେବ । ଜନ କର୍ତ୍ତୃପକ୍ଷମାନଙ୍କ କ୍ଷେତ୍ରରେ ଏହି ଆଇନ୍ ଭୋଟ୍‌ଦାତାଙ୍କ ସମ୍ମୁଖରେ ସେମାନଙ୍କର ଉତ୍ତରଦାୟିତ୍ୱ ପ୍ରକ୍ରିୟାକୁ ଅଧିକ ମଜବୁତ୍ କରିବ, ତଥା ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟାକୁ ଅଧିକ ଗତିଶୀଳ, ସୁସଂକଳିତ ଏବଂ ନୀତିନିଷ୍ଠ କରିବା ତଥା ବ୍ୟବସାୟିକ ତଥ୍ୟାବଳୀର ଅଧିକ ସୁଦକ୍ଷ ପ୍ରବନ୍ଧନ କରିବାରେ ସହାୟକ ହେବ ।

କାର୍ଯ୍ୟସୂଚୀର ବିଷୟଗୁଡିକ ଉପରେ ପୁଂଖାନୁପୁଂଖ ଆଲୋଚନା ହେବା ପରେ ନିମ୍ନୋକ୍ତ ନିଷ୍ପତ୍ତିମାନ ଗୃହୀତ ହୋଇଥିଲା । ଆଇନ୍‌ର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଡୁଥିବା ପ୍ରସ୍ତୁତି-କାର୍ଯ୍ୟ ଆରମ୍ଭ କରିବା କ୍ଷେତ୍ରରେ ଏହି ନିଷ୍ପତ୍ତିସମୂହ ଜନ କର୍ତ୍ତୃପକ୍ଷମାନଙ୍କୁ ନିଶ୍ଚିତ ରୂପେ ସହାୟକ ହେବ ।

## ୧. ଜନ କର୍ତ୍ତୃପକ୍ଷ-

(ଏ) ସୂଚନା ଅଧିକାର ଆଇନ୍, ୨୦୦୫ର ଧାରା ୨(ଏଚ୍)ରେ "ଜନ କର୍ତ୍ତୃପକ୍ଷ"ର ସଂଜ୍ଞା ଦିଆଯାଇଛି । ଏହି ସଂଜ୍ଞା ଅନୁସାରେ ଓଡିଶା ରାଜ୍ୟରେ ନିମ୍ନୋକ୍ତ ସଂସ୍ଥାଗୁଡିକ "ଜନ କର୍ତ୍ତୃପକ୍ଷ" ରୂପେ ବିବେଚିତ ହେବେ ।

(୧) ସଚିବାଳୟର ସମସ୍ତ ପ୍ରଶାସନିକ ବିଭାଗ

(୨) ସମସ୍ତ ବିଭାଗ ମୁଖ୍ୟ ।

(୩) ସମସ୍ତ କନିଷ୍ଠ ବିଭାଗ ମୁଖ୍ୟ ।

(୪) ଜିଲ୍ଲା ସ୍ତରରେ, ପ୍ରତି ବିଭାଗ ନିଜ ବିଭାଗର କୌଣସି ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟକୁ ଜନ କର୍ତ୍ତୃପକ୍ଷ ଭାବେ ଘୋଷଣା କରିବେ କି ନାହିଁ, ସେ ବିଷୟ ସ୍ୱତନ୍ତ୍ର ଭାବେ ଠିକ୍ କରିବେ ।

(୫) ପ୍ରତି ରାଜସ୍ୱ ଉପଖଣ୍ଡ ଏବଂ ପ୍ରତି ତହସିଲ୍‌କୁ ମଧ୍ୟ ଜନ କର୍ତ୍ତୃପକ୍ଷ ଭାବେ ବିବେଚନା କରାଯିବ ।

(୬) ସମସ୍ତ ସର୍ବସାଧାରଣ ନିଗମ, ବିଶ୍ୱବିଦ୍ୟାଳୟ, ପରିଷଦ, କର୍ତ୍ତୃପକ୍ଷ, ଅନୁଷ୍ଠାନ, ସ୍ୱୟଂଚାଳିତ ସଂସ୍ଥା ( ଯେଉଁମାନଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶାଳୟ କାଇଦାରେ ବିଭିନ୍ନ ସ୍ତରରେ ଅବସ୍ଥିତ) ।

(୭) ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରପାଳିକା ଏବଂ ପୌରନିଗମ ସମେତ ସହରାଞ୍ଚଳରେ ଥିବା ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥା ।

(୮) ଗ୍ରାମାଞ୍ଚଳରେ ଥିବା ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥା, ଯଥା ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ।

(୯) ଯୋଜନା ଓ ସମନ୍ୱୟ ବିଭାଗ ଦ୍ୱାରା ଚିହ୍ନଟ ହେବା ମତେ ସେହି ସମସ୍ତ ବେସରକାରୀ ସଂଗଠନ ଜନ କର୍ତ୍ତୃପକ୍ଷ ରୂପେ ବିବେଚିତ ହେବେ, ଯେଉଁମାନେ କି କୌଣସି ଉଦ୍ଦେଶ୍ୟ-ଭିତ୍ତିକ ଅର୍ଥ-ସହାୟତା ପାଇଥାନ୍ତି ।

(ବି) ସଚେତନତା

ସମସ୍ତ ଜନ କର୍ତ୍ତୃପକ୍ଷଗୁଡ଼ିକର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଆଇନ୍ ସମ୍ବନ୍ଧରେ ସଂପୂର୍ଣ୍ଣ ଧାରଣା ଦେବାକୁ ପଡିବ । ଏହି ଆଇନ୍ ସମ୍ବନ୍ଧରେ ଆବଶ୍ୟକୀୟ ପଠନ-ସାମଗ୍ରୀ ସେମାନଙ୍କୁ ଯୋଗାଇ ଦେବାକୁ ପଡିବ ଏବଂ ଏହି ଆଇନ୍‌ର ପରିସର ସମ୍ବନ୍ଧରେ ବ୍ୟାଖ୍ୟା କରିବା ପାଇଁ ବୈଠକମାନ ଆୟୋଜନ କରିବାକୁ ପଡିବ । ପ୍ରତି ବିଭାଗ ଅଧୀନରେ ଥିବା ସମସ୍ତ ପ୍ରତି ଜନ କର୍ତ୍ତୃପକ୍ଷଙ୍କ ପ୍ରତି ସ୍ତରରେ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ପାରେ ।

## ୨. ଜନ ସୂଚନା ଅଧିକାରୀ/ ସହାକାରୀ ଜନ ସୂଚନା ଅଧିକାରୀ ଏବଂ ବିଭାଗୀୟ ଅପିଲ୍ କର୍ତ୍ତୃପକ୍ଷଙ୍କ ନିଯୁକ୍ତି-

ପ୍ରତି ଜନ କର୍ତ୍ତୃପକ୍ଷ ନିମ୍ନୋକ୍ତ ତିନି ଧରଣର ଅଧିକାରୀଙ୍କୁ ପଦନାମିତ କରିବା ଜରୁରୀ-

(ଏ) ଜନ ସୂଚନା ଅଧିକାରୀ ବା ପି.ଆଇ.ଓ. (ଧାରା-୫)

(ବି) ସହକାରୀ ଜନ ସୂଚନା ଅଧିକାରୀ ବା ଏ.ପି.ଆଇ.ଓ. (ଧାରା-୫)

(ସି) ବିଭାଗୀୟ ଅପିଲ୍ କର୍ତ୍ତୃପକ୍ଷ (ଧାରା-୧୯)

ଏହି ଅଧିକାରୀମାନଙ୍କୁ ପଦନାମିତ କଲାବେଳେ ନିମ୍ନୋକ୍ତ ମାର୍ଗଦର୍ଶୀକାକୁ ଅନୁସରଣ କରାଯାଇପାରେ –

(୧) ସମସ୍ତ ପ୍ରଶାସନିକ ବିଭାଗ ଏବଂ ବିଭାଗ-ମୁଖ୍ୟ ଯେଉଁ ଅଧିକାରୀଙ୍କୁ ପି.ଆଇ.ଓ. ଭାବେ ପଦନାମିତ କରିବେ, ସେ ଉପ-ସଚିବ ପାହ୍ୟାର ନିମ୍ନରେ ନଥିବେ, ଏବଂ ସେହିପରି ଯାହାଙ୍କୁ ଏ.ପି.ଆଇ.ଓ. ଭାବେ ପଦନାମିତ କରିବେ, ସେ ଅନୁ-ସଚିବ ପାହ୍ୟାରୁ କମ୍ ହୋଇନଥିବେ ଏବଂ ଯାହାଙ୍କୁ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଭାବେ ପଦନାମିତ କରିବେ, ସେ ଯୁଗ୍ମ/ଅତିରିକ୍ତ ସଚିବ ପାହ୍ୟାରୁ କମ୍ ହୋଇନଥିବେ । ତାଦୃଶ ରୀତିରେ ସମସ୍ତ କନିଷ୍ଠ ବିଭାଗ-ମୁଖ୍ୟମାନେ ନିଜ ନିଜ ସ୍ତରରେ ପି.ଆଇ.ଓ., ଏ.ପି.ଆଇ.ଓ. ଏବଂ ବିଭାଗୀୟ ଅପିଲ୍ କର୍ତ୍ତୃପକ୍ଷମାନଙ୍କୁ ପଦନାମିତ କରିବା ଜରୁରୀ । ଏହିସବୁ ଅଧିକାରୀମାନଙ୍କର ଠିକଣା, ପଦବୀ ଏବଂ ଫୋନ୍ ନମ୍ବର ସମେତ ତାଲିକା ୧୦.୯.୨୦୦୫ ସୁଦ୍ଧା ସୂଚନା ଓ ଲୋକସଂପର୍କ ବିଭାଗଙ୍କୁ ଯୋଗାଇ ଦିଆଯିବ । ମୁଖ୍ୟ ଶାସନ ସଚିବ ଆଶା ପ୍ରକଟ କଲେ ଯେ, ପ୍ରତି ବିଭାଗ ନିଜର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଥିବା ଅଧିକାରୀମାନଙ୍କର ପଦାନୁକ୍ରମ ସମ୍ବନ୍ଧରେ ଗୋଟିଏ ଗୋଟିଏ ବିଶଦ୍ ଖସଡା ପ୍ରସ୍ତୁତ କରି ପାରନ୍ତି, ଯାହା ଫଳରେ କି ବାକୀ ସ୍ତରଗୁଡିକ ପାଇଁ ପି.ଆଇ.ଓ. ଏବଂ ଅପିଲ୍ କର୍ତ୍ତୃପକ୍ଷମାନଙ୍କୁ ପଦନାମିତ କରିବା ଦିଗରେ ଏକ ବାସ୍ତବ ନିଷ୍ପତ୍ତି ନିଆଯାଇପାରିବ ।

(୨) ପୁଣି ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଜଣେ ଦାୟିତ୍ୱଶୀଳ ଅଧିକାରୀଙ୍କୁ ଜନ ସୂଚନା ଅଧିକାରୀ ଭାବେ ମନୋନୀତ କରିବେ ଏବଂ ଏ.ଡି.ଏମ୍. ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଭାବେ ଘୋଷିତ ହେବେ । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣ ଅଧୀନରେ ଥିବା ବିଭିନ୍ନ ବିଭାଗଗୁଡିକର ଜିଲ୍ଲାସ୍ତରୀୟ ଅଧିକାରୀମାନେ ସହାକାରୀ ଜନ ସୂଚନା ଅଧିକାରୀ ରୂପେ ଘୋଷିତ ହେବେ ଏବଂ ଜନ ସୂଚନା ଅଧିକାରୀଙ୍କୁ ଯଥାବିଧି ତାଙ୍କର ଦାୟିତ୍ୱ ସଂପାଦନ କରିବାରେ ସହାୟତା କରିବେ ।

(୩) ପ୍ରତି ଉପଖଣ୍ଡରେ ଜିଲ୍ଲାପାଳ ଜଣେ ଦାୟିତ୍ୱଶୀଳ ଅଧିକାରୀଙ୍କୁ ପି.ଆଇ.ଓ. ରୂପେ ମନୋନୀତ କରିବେ ଏବଂ ଉପ-ଜିଲ୍ଲାପାଳ ନିଜ କାର୍ଯ୍ୟାଳୟର ପି.ଆଇ.ଓ.ଙ୍କ କ୍ଷେତ୍ରରେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ରୂପେ କାର୍ଯ୍ୟ କରିବେ । ଉପ-ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣ ଅଧୀନରେ ଥିବା ଅନ୍ୟ ଉପଖଣ୍ଡ-ସ୍ତରୀୟ ଅଧିକାରୀମାନେ ସହାକାରୀ ଜନ ସୂଚନା ଅଧିକାରୀ ରୂପେ କାର୍ଯ୍ୟ କରିବେ ।

(୪) ପ୍ରତି ତହସିଲ୍‌ରେ ଜଣେ ଅତିରିକ୍ତ ତହସିଲ୍‌ଦାର ପି.ଆଇ.ଓ. ରୂପେ କାର୍ଯ୍ୟ କରିବା ପାଇଁ ମନୋନୀତ ହେବେ ଏବଂ ତହସିଲ୍‌ଦାର ହେବେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ।

(୫) ପ୍ରତି ବ୍ଲକ୍ ସ୍ତରରେ ଜଣେ ବରିଷ୍ଠ ସଂପ୍ରସାରଣ ଅଧିକାରୀ ପି.ଆଇ.ଓ. ହେବେ ଏବଂ ବି.ଡି.ଓ. ହେବେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ।

(୬) ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ଗ୍ରାମପଞ୍ଚାୟତ ବା ଗ୍ରାମପଞ୍ଚାୟତ ଅନୁବିଭାଗର ପ୍ରଶାସନିକ ଅଧିକାରୀ (ଇ.ଓ.) ପି.ଆଇ.ଓ. ରୂପେ କାର୍ଯ୍ୟ କରିବେ ଏବଂ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ (ଜି.ପି.ଇ.ଓ.) ହେବେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ।

(୭) ପ୍ରତି ନଗରାଞ୍ଚଳ ସ୍ୱାୟତ୍ତ-ଶାସନ ସଂସ୍ଥା ସ୍ତରରେ ଅତିରିକ୍ତ ପ୍ରଶାସନିକ ଅଧିକାରୀ (ଏ.ଇ.ଓ.)/ମୁଖ୍ୟ କିରାଣୀ ପି.ଆଇ,ଓ. ହେବେ ଏବଂ ପ୍ରଶାସନିକ ଅଧିକାରୀ (ଇ.ଓ.) ଅପିଲ୍ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରିବେ ।

(୮) ଯୋଜନା ଓ ସମନ୍ୱୟ (ପି. ଏଣ୍ଡ ସି.) ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ବେସରକାରୀ ସଂସ୍ଥା (ଏନ୍.ଜି.ଓ.)ସମୂହ ନିଜନିଜ କ୍ଷେତ୍ରରେ ପି.ଆଇ.ଓ., ଏ.ପି.ଆଇ.ଓ. ଏବଂ ଅପିଲ୍ କର୍ତ୍ତୃପକ୍ଷଙ୍କୁ ପଦନାମିତ କରିବେ । ପି. ଏଣ୍ଡ ସି. ବିଭାଗ ଏଥିପାଇଁ ଉପଯୁକ୍ତ ମାର୍ଗଦର୍ଶୀକା ନିର୍ଗମନ କରିବେ ।

(୯) ସମସ୍ତ ବିଶ୍ୱବିଦ୍ୟାଳୟ, ସର୍ବସାଧାରଣ ନିଗମ, ମଣ୍ଡଳୀ, ପରିଷଦ, ପ୍ରାଧିକର୍ତ୍ତା, ଅନୁଷ୍ଠାନ ଏବଂ ସ୍ୱୟଂଚାଳିତ ସଂସ୍ଥା କ୍ଷେତ୍ରରେ ପି.ଆଇ.ଓ., ଏ.ପି.ଆଇ.ଓ. ଏବଂ ଅପିଲ୍ କର୍ତ୍ତୃପକ୍ଷଙ୍କୁ ପଦନାମିତ କରିବା ବ୍ୟାପାରରେ ତାଦୃଶ ପଦ୍ଧତି ଅନୁସରଣ କରାଯିବ ।

## ୩. ଅଗ୍ରୀମ ସୂଚନା-ପ୍ରକାଶନ

ସୂଚନା ଅଧିକାର ଆଇନ୍‌ର ଧାରା ୪ ଅନୁଯାୟୀ ୧୨.୧୦.୨୦୦୫ ସୁଦ୍ଧା ପ୍ରତି ଜନ କର୍ତ୍ତୃପକ୍ଷ ୧୭ଟି ବିଷୟରେ ସ୍ୱୟଂଚାଳିତ ହୋଇ ସୂଚନା ପ୍ରକଟନ କରିବା ଜରୁରୀ । ଏହି ସ୍ୱେଚ୍ଛା-ପ୍ରଣୋଦିତ ସୂଚନା ପ୍ରକାଶନକୁ ଏଭଳି ସର୍ବାଧିକ ମାତ୍ରାରେ କରିବା ପାଇଁ ପଦକ୍ଷେପ ନିଆଯିବା ଦରକାର, ଯାହା ଫଳରେ ଆବେଦନ ଜରିଆରେ ସୂଚନା ହାସଲ କରିବା ପାଇଁ କାରଣ ବ୍ୟାପକ ଭାବେ ହ୍ରାସ ପାଇବ ।

(ଏ) ସମସ୍ତ ପ୍ରଶାସନିକ ବିଭାଗ କ୍ଷେତ୍ରରେ ପ୍ରଯୁଜ୍ୟ ଥିବା ଆଇନ୍, ନିୟମାବଳୀ, ପରିପତ୍ର (ସର୍କୁଲାର୍) ଓ ନିର୍ଗମିତ ମାର୍ଗଦର୍ଶୀକାସମୂହ ପାଇଁ ସୂଚନା ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ, ଆଇନ୍, ଅର୍ଥ ଏବଂ ସାଧାରଣ ପ୍ରଶାସନ (ଜି.ଏ.) ବିଭାଗଗୁଡିକ ୩୧.୮.୦୫ ସୁଦ୍ଧା ଆବଶ୍ୟକୀୟ ୱେବ୍ ଫର୍ମାଟ୍ ପ୍ରଣୟନ କରିବା ଆବଶ୍ୟକ ।

(ବି) ପୂର୍ବରୁ ଏକ ଅଧିକାରୀ ସ୍ତରୀୟ କମିଟିରେ ହୋଇଥିବା ଆଲୋଚନା ଅନୁଯାୟୀ ଅର୍ଥ ବିଭାଗ ରାଜ୍ୟର ସମସ୍ତ ୬,୦୦୦ ଡି.ଡି.ଓ.ଙ୍କର ଏକ ତାଲିକା, ଅଧିକାରୀ ଓ କର୍ମଚାରୀମାନଙ୍କର ତାଲିକା ତଥା ସେମାନଙ୍କର ବେତନ ହାରର ଏକ ତାଲିକା ପ୍ରସ୍ତୁତ କରିବା କଥା ।

(ସି) ଅର୍ଥ ବିଭାଗ ଏବଂ ସମସ୍ତ ପ୍ରଶାସନିକ ବିଭାଗ ସେମାନଙ୍କର ବିଭାଗୀୟ ବଜେଟ୍‌କୁ ପି.ଡି.ଏଫ୍. ସଂସ୍କରଣରେ ରୂପାନ୍ତର କରିବେ ତଥା ନିଜନିଜ ବିଭାଗର ୱେବ୍‌ସାଇଟ୍‌ରେ ସ୍ଥାନିତ କରିବେ ।

(ଡି) ସବୁ ପ୍ରଶାସନିକ ବିଭାଗ ଆଇନ୍ ଦ୍ୱାରା ବିହିତ ହୋଇଥିବା ଅନ୍ୟ ସମସ୍ତ ସୂଚନା-ଶ୍ରେଣୀ (ମାନୁଆଲ୍) ର ଇଲେକ୍ଟ୍ରୁନିକ୍ ସଂସ୍କରଣ ପ୍ରସ୍ତୁତ କରି ଅଧିକାରୀ-ସ୍ତରୀୟ କମିଟିରେ ସୂଚୀତ ହୋଇଥିବା ସବିଶେଷ ତଥ୍ୟାବଳୀ ମତେ ୱେବ୍‌ସାଇଟ୍‌ରେ ସ୍ଥାନିତ କରିବେ ।

## ୪. ତାଲିମ୍ -

(ଏ) ଭୁବନେଶ୍ୱରରେ ଏକ ରାଜ୍ୟ ସ୍ତରୀୟ ସେମିନାର୍ ଅନୁଷ୍ଠିତ ହେବ ।

(ବି) ୧୦-୩୦ ସେପ୍ଟେମ୍ବର,୨୦୦୫ ମଧ୍ୟରେ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନ (ଏକାଡେମି ) ସମସ୍ତ ବିଭାଗର ଅଧିକାରୀ, କାର୍ଯ୍ୟାଳୟ ମୁଖ୍ୟ ଏବଂ କାର୍ଯ୍ୟାଳୟ କନିଷ୍ଠ ମୁଖ୍ୟମାନଙ୍କ ପାଇଁ କର୍ମଶାଳା ତଥା ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଆୟୋଜନ କରିବେ ।

(ସି) ବରାଦ ଭିତ୍ତିରେ ଓ.ସି.ଏଫ୍.ରୁ ଅଗ୍ରୀମ ଅର୍ଥ ଆଣି ସୂଚନା ଓ ଲୋକସଂପର୍କ ବିଭାଗ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନର ମହା ନିର୍ଦ୍ଦେଶକଙ୍କ ନିକଟରେ ୧୦ଲକ୍ଷ ଟଙ୍କା ଦାଖଲ କରିବେ ।

(ଡି) ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନର ମହା ନିର୍ଦ୍ଦେଶକଙ୍କ ସହ ଯଥାବିଧି ପରାମର୍ଶ କରି ପ୍ରତିଷ୍ଠାନରେ ଆଉଜଣେ ଅତିରିକ୍ତ ସାଧନବନ୍ତ ବ୍ୟକ୍ତିଙ୍କୁ ଅବସ୍ଥାପିତ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ, ଯେ କି କେବଳ ସୂଚନା ଅଧିକାର ଆଇନ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦାୟିତ୍ୱରେ ରହିବେ ।

(ଇ) ପଞ୍ଚାୟତିରାଜ ବିଭାଗ ଏବଂ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନର ଘନିଷ୍ଠ ତତ୍ତ୍ୱାବଧାନ ଅଧୀନରେ ଗ୍ରାମ ପଞ୍ଚାୟତ ସଂପାଦକଙ୍କ ସମେତ ପଞ୍ଚାୟତିରାଜ କର୍ମକର୍ତ୍ତାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ ରାଜ୍ୟ ଗ୍ରାମ ଉନ୍ନୟନ ପ୍ରତିଷ୍ଠାନ (ଏସ୍.ଆଇ.ଆର୍.ଡି.) ଭୁବନେଶ୍ୱରଙ୍କ ଦ୍ୱାରା ଆୟୋଜନ କରାଯିବ ।

(ଏଫ୍) ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନର ସହାୟତାରେ ଯୋଜନା ଓ ସମନ୍ୱୟ ବିଭାଗ ଏନ୍.ଜି.ଓ. ଏବଂ ନାଗରିକ ସମାଜ ସଂଗଠନମାନଙ୍କ ପାଇଁ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରିବେ ।

(ଜି) ତାଲିମ୍ କାର୍ଯ୍ୟକ୍ରମର ସବିଶେଷ ଖସଡାକୁ ଚୂଡାନ୍ତ ରୂପ ଦେବା ପାଇଁ ନିକଟରେ ଏକ ଅଲଗା ବୈଠକ ଅନୁଷ୍ଠିତ ହେବ ।

(ଏଚ୍) ପ୍ରଶିକ୍ଷଣର ବିଷୟବସ୍ତୁ ତଥା ପ୍ରଥମ ପର୍ଯ୍ୟାୟରେ ତାଲିମ୍ ନେବାକୁ ଯାଉଥିବା ଅଧିକାରୀମାନଙ୍କର ତାଲିକା ପ୍ରସ୍ତୁତ କରବା ବ୍ୟାପାରରେ ସୂଚନା ଓ ଲୋକସଂପର୍କ ବିଭାଗର ସହାୟତାରେ ଗୋପବନ୍ଧୁ ପ୍ରଶାସନିକ ପ୍ରତିଷ୍ଠାନର ମହାନିର୍ଦ୍ଦେଶକଙ୍କ ଉଦ୍ୟମସମୂହକୁ ସଂଯୋଜନା କରିବେ ସାଧାରଣ ପ୍ରଶାସନ (ଏ.ଆର୍.) ବିଭାଗ, ଯାହା ଫଳରେ କି ଜିଲ୍ଲା ସ୍ତରରେ ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ରୂପେ ଜିଲ୍ଲାପାଳମାନେ ଜିଲ୍ଲାସ୍ତରୀୟ ତାଲିମ୍ ଆୟୋଜନ କରିପାରିବେ ।

## ୫. ରାଜ୍ୟ ସୂଚନା କମିଶନ୍, ଧାରା ୧୫,୧୬, ୧୭

(ଏ) ରାଜ୍ୟ ସୂଚନା କମିଶନ୍‌ର ଗଠନ, ପଦବୀର କାର୍ଯ୍ୟକାଳ ଏବଂ ସେବା ସର୍ତ୍ତାବଳୀ ସମ୍ବନ୍ଧରେ ସବିଶେଷ ବିଷୟ ଉଚ୍ଚସ୍ତରୀୟ ନିଯୁକ୍ତି କମିଟିର ବୈଠକରେ ଆଲୋଚିତ ହେବ ।

(ବି) ଏହାର କର୍ମଚାରୀ ଢାଞ୍ଚା, କାର୍ଯ୍ୟାଳୟ ଗୃହ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ପ୍ରଦାନ ବିଷୟ କେନ୍ଦ୍ରୀୟ କମିଟିର ପରବର୍ତ୍ତୀ ବୈଠକରେ ଆଲୋଚିତ ହେବ ।

୬.	ଆବେଦନ ଗ୍ରହଣ-

ସର୍ବସାଧାରଣଙ୍କର ସୁବିଧା ଉଦ୍ଦେଶ୍ୟରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ସଚିବାଳୟର ଅଭ୍ୟର୍ଥନା ପ୍ରକୋଷ୍ଠର ସନ୍ନିକଟରେ ଏକ ସ୍ୱତନ୍ତ୍ର କାଉଣ୍ଟର୍‌ର ବ୍ୟବସ୍ଥା କରାଯିବ, ଯେଉଁଠାରେ କି ସଚିବାଳୟରେ ଅବସ୍ଥିତ ଥିବା ପ୍ରଶାସନିକ ବିଭାଗଗୁଡିକରୁ ସୂଚନା ପ୍ରାପ୍ତି ପାଇଁ ସର୍ବସାଧାରଣଙ୍କ ଆବେଦନଗୁଡିକୁ ଗ୍ରହଣ କରାଯିବ । ବିଭାଗ ମୁଖ୍ୟ ଏବଂ କନିଷ୍ଠ ବିଭାଗ ମୁଖ୍ୟମାନଙ୍କ କାର୍ଯ୍ୟାଳୟ କ୍ଷେତ୍ରରେ ସେହି ସମାନ ପଦ୍ଧତି ଅବଲମ୍ବନ କରାଯିବ ।

୭.	ପ୍ରଚଳିତ ଆଇନ୍ ଓ ନିୟମାବଳୀର ସଂଶୋଧନ-

ସୂଚନା ଅଧିକାର ଆଇନ୍‌ର ଧାରା ୨୨ର ଅଭିପ୍ରାୟ ଏହିକି ଯେ, ଏହି ଆଇନ୍ ଅନ୍ୟ ଯେ କୌଣସି ଆଇନ୍, ନିୟମ ବା ଆଦେଶ ଉପରେ ଅତିକ୍ରମଣ ବିସ୍ତାର କରିବ । ତେଣୁ ପରାମର୍ଶ ଦିଆଯାଉଛି ଯେ, ସମସ୍ତ ପ୍ରଶାସନିକ ବିଭାଗ ଆବଶ୍ୟକ ସ୍ଥଳେ ସେହିସବୁ ଆଇନ୍ ଏବଂ ବିଧିବିଧାନ ତଥା ସେଗୁଡିକର ସଂଶୋଧନ ସମୂହକୁ ଯଥାଶୀଘ୍ର ସମୀକ୍ଷା କରିବେ, ଯାହା ଫଳରେ ସୂଚନା ଅଧିକାର ଆଇନ୍ ଏବଂ ଅନ୍ୟ ଆଇନ୍/ ନିୟମାବଳୀ/ବିଧିବିଧାନ ଭିତରେ ଥିବା ବିରୋଧାଭାସଗୁଡିକୁ ଦୂରୀକରଣ ବା ସଂକୋଚନ କରିହେବ ।

୮.	ନିୟମାବଳୀର ପ୍ରଣୟନ-

(ଏ) ସୂଚନା ଅଧିକାର ଆଇନ୍‌ର ଧାରା ୨୮(୧) ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନିୟମାବଳୀ ପ୍ରଣୟନ କରିବା ସକାଶେ ବିଭିନ୍ନ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଉପରେ କ୍ଷମତା ନ୍ୟସ୍ତ କରୁଛି ।

(ବି) ଯଦି ନିୟମାବଳୀ ପ୍ରଣୟନ କରିବାର ପ୍ରୟୋଜନ ଥାଏ, ଏବଂ ଯେଉଁଥି ପାଇଁ କି ଧାରା ୨(ବି)ରେ ସଂଜ୍ଞାୟିତ ହୋଇଥିବା କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂଚନା ଅଧିକାର ଆଇନ୍‌ର ପ୍ରାବ୍‌ଧାନଗୁଡିକୁ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ନିୟମାବଳୀ ପ୍ରଣୀତ ହେବା ଜରୁରୀ, ତେବେ ଏହି ଉଦ୍ଦେଶ୍ୟରେ ଅଗ୍ରାଧିକାର ଭିତ୍ତିରେ ଉପଯୁକ୍ତ ପଦକ୍ଷେପ ଆରମ୍ଭ କରାଯାଇପାରେ ।

(ସି) ଚିଠା-ନିୟମ ପ୍ରଣୟନ ପାଇଁ ଉଦ୍ୟମ ହୋଇସାରିଛି ଏବଂ ଏହାକୁ ଆଇନ୍ ବିଭାଗ ନିକଟକୁ ଯାଞ୍ଚ ଏବଂ ଅନୁମୋଦନ ପାଇଁ ପଠାଯାଇଛି । ଏହି ଚିଠା-ନିୟମକୁ ଅନୁଧ୍ୟାନ କରିବା ତଥା ଏହାର ଏକ ଚୂଡାନ୍ତ ଚିଠା ସରକାରଙ୍କ ବିଚାରାର୍ଥେ ସୁପାରିଶ୍ କରିବା ପାଇଁ ଆଇନ୍ ବିଭାଗର ପ୍ରମୁଖ ସଚିବ, ସୂଚନା ଓ ଲୋକସଂପର୍କ ବିଭାଗର ସଚିବ, ଅର୍ଥ ବିଭାଗର ଅତିରିକ୍ତ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଏବଂ ସାଧାରଣ ପ୍ରଶାସନ ବିଭାଗ(ଏ.ଆର୍.)ର ଅତିରିକ୍ତ ସଚିବଙ୍କୁ ନେଇ ଏକ ସବ୍-କମିଟି ଗଠନ କରାଯାଇଛି ।

(ଡି) କେନ୍ଦ୍ରୀୟ କମିଟିର ପରବର୍ତ୍ତୀ ବୈଠକରେ ଚିଠା-ନିୟମକୁ ଆଲୋଚନା କରାଯିବ ଏବଂ ଏକ ଚୂଡାନ୍ତ ରୂପ ପ୍ରଦାନ କରାଯିବ । ଏକଥା ମଧ୍ୟ ନିଷ୍ପତ୍ତି ହୋଇଥିଲା ଯେ, ସବ୍-କମିଟି ଆଇନ୍‌କୁ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକୀୟ କ୍ରିୟାନ୍ୱୟନ ମାର୍ଗଦର୍ଶୀକା ପ୍ରସ୍ତାବ କରିବେ ।

## ୯. ଆଭ୍ୟନ୍ତରୀଣ କାର୍ଯ୍ୟପ୍ରକ୍ରିୟା-

ଏହା ହେଉଛି କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଆଉ ଏକ ମୁଖ୍ୟ ଦିଗ, ଯାହାକୁ ପ୍ରତି ଜନ କର୍ତ୍ତୃପକ୍ଷ ଧ୍ୟାନ ଦେବା ଜରୁରୀ । ଏହା ଆଶା କରାଯାଉଛି ଯେ, ଆଇନ୍ ଥରେ ଲାଗୁ ହୋଇଗଲା ପରେ ପ୍ରତି ଜନ କର୍ତ୍ତୃପକ୍ଷଙ୍କୁ ସୁନିର୍ଦ୍ଧାରିତ କାର୍ଯ୍ୟପ୍ରକ୍ରିୟା ଅନୁସରଣ କରିବାକୁ ପଡିବ, ଯାହା ଫଳରେ ସମୁଦାୟ ପ୍ରକ୍ରିୟା ସୁବ୍ୟବସ୍ଥିତ ହୋଇ ପଡିବ ଏବଂ ସୂଚନା ପାଇଁ ଆବେଦନ ଉପରେ ଯଥୋଚିତ ସ୍ତରରେ ନିଷ୍ପତ୍ତି ନିଆଯାଇ ପାରୁଥିବ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନିକ ବିଭାଗ ସ୍ତରରେ ବର୍ତ୍ତମାନ ହିଁ ପ୍ରସଙ୍ଗଟିକୁ ଅନୁଧ୍ୟାନ କରିବା ବାଂଛନୀୟ ମନେହୁଏ, ଯାହା ଫଳରେ ସୂଚନା ସଂଗ୍ରହ କରିବାର ପ୍ରଣାଳୀ, ଦଲିଲ୍‌ଗୁଡିକର ନିରୀକ୍ଷଣ ପାଇଁ ସୁବିଧାମାନ ସୃଷ୍ଟି କରିବା, ନମୂନା ସଂଗ୍ରହ, ଗୋଟିଏ ଆବେଦନ ଉପରେ ଯେଉଁ ସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯିବ, ତାହା ଧାର୍ଯ୍ୟ କରିବା, ଜଣେ ଆବେଦକଙ୍କୁ ଦିଆଯିବାକୁ ଥିବା ଦଲିଲ୍‌ର ପ୍ରସ୍ତୁତି ଇତ୍ୟାଦି ସମ୍ବନ୍ଧରେ ଆଭ୍ୟନ୍ତରୀଣ କାର୍ଯ୍ୟପ୍ରକ୍ରିୟାକୁ ଆଗତୁରା ନିର୍ଦ୍ଧାରଣ କରିହେବ ।

## ୧୦. ସମୟବଦ୍ଧ କାର୍ଯ୍ୟାନ୍ୱୟନ ପାଇଁ କର୍ମଯୋଜନା-

| | | |
|---|---|---|
| (ଏ) | ସୂଚନା-ପୁସ୍ତିକା (ମାନୁଆଲ୍ ) ପ୍ରସ୍ତୁତି (ଅଗ୍ରାଧିକାରପ୍ରାପ୍ତ ତାଲିକା) - | ୨୧.୯.୦୫ |
| (ବି) | ଅଗ୍ରୀମ ସୂଚନା-ପ୍ରକାଶନ (ପ୍ରଥମ ପର୍ଯ୍ୟାୟ) - | ୩୦.୯.୦୫ |
| (ସି) | ପି.ଆଇ.ଓ./ଏ.ପି.ଆଇ.ଓ. ଏବଂ ବିଭାଗୀୟ ଅପିଲ୍ କର୍ତ୍ତୃପକ୍ଷମାନଙ୍କ ନିଯୁକ୍ତି - | ୧୦.୯.୦୫ |
| (ଡି) | ରାଜ୍ୟ ସୂଚନା କମିଶନର୍‌ଙ୍କ ନିଯୁକ୍ତି - | ୨.୧୦.୦୫ |
| (ଇ) | ଆଭ୍ୟନ୍ତରୀଣ କାର୍ଯ୍ୟପ୍ରକ୍ରିୟା | ୩୦.୯.୦୫ |
| (ଏଫ୍) | ପି.ଆଇ.ଓ./ଡି.ଏ.ଏ.ଙ୍କୁ ତାଲିମ୍ (ସଚିବାଳୟସ୍ତରୀୟ/ ବିଭାଗୀୟ ମୁଖ୍ୟସମୂହ/ଜିଲ୍ଲାସ୍ତରରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ | ୩୦.୯.୦୫ |

## ୧୧. ବଜେଟ୍ -

କୌଣସି ସୂଚନାଙ୍କ, ଅତୀତର ପରିସଂଖ୍ୟାନ ଏବଂ କେତେକ ପ୍ରସଙ୍ଗରେ ସ୍ଥିରୀକୃତ ନିଷ୍ପତ୍ତି ନଥିବା ବେଳେ ଏହି ସ୍କିମ୍ ପାଇଁ ବଜେଟ୍ ପ୍ରସ୍ତୁତ କରିବା ଏକ କଷ୍ଟକର ବ୍ୟାପାର । ଏହା ସତ୍ତ୍ୱେ ସୂଚନା ଓ ଲୋକସଂପର୍କ ବିଭାଗଙ୍କ ଦ୍ୱାରା ଏକ ଆନୁମାନିକ ଅଟକଳ ପ୍ରସ୍ତୁତ କରାଯାଇଛି ଏବଂ ଅର୍ଥ ବିଭାଗଙ୍କର ବିଚାରାର୍ଥେ ପଠାଯାଇଛି ।

ଏହା ଏକ ନୂତନ ଆଇନ୍ ହୋଇଥିବାରୁ ୨୦୦୫-୨୦୦୬ ର ବଜେଟ୍ ଅଟକଳରେ ଏଥିପାଇଁ କୌଣସି ଅର୍ଥବରାଦ ହୋଇନାହିଁ । ୧.୧୬ କୋଟି ଟଙ୍କାର ଏକ ଆନୁମାନିକ ବଜେଟ୍ ଅଟକଳକୁ ଆଖି ଆଗରେ ରଖି ସଂପୃକ୍ତ ପ୍ରଶାସନିକ ବିଭାଗ ଓ.ସି.ଏଫ୍. (ଓଡିଶା କନସୋଲିଡେଟେଡ୍ ଫଣ୍ଡ)ରୁ ୫୦ ଲକ୍ଷ ଟଙ୍କା ଉଠାଣ ପାଇଁ ପ୍ରସ୍ତାବ ଆଗତ କରିବେ ।

## ୧୨. ଗୁଇନ୍ଦା ଏବଂ ସୁରକ୍ଷା ସଂଗଠନ-

ଆଇନ୍ (ଧାରା ୨୪)ରେ ଏକ ପ୍ରାବ୍ଧାନ ଅଛି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁଇନ୍ଦା ଏବଂ ସୁରକ୍ଷା ସଂଗଠନଗୁଡିକ ପ୍ରତି ଏହା ପ୍ରଯୁଜ୍ୟ ହେବ ନାହିଁ । ସେହି ସଂସ୍ଥାଗୁଡିକୁ ଅବ୍ୟାହତି ଦେବା ସମ୍ବନ୍ଧରେ ଆବଶ୍ୟକୀୟ ବିଜ୍ଞପ୍ତି

ଆଇନ୍ ବଳବତ୍ତର ହେବା ପୂର୍ବରୁ ଜାରି କରାଯିବ । ଯଥୋଚିତ ବିଭାଗ ଠାରୁ ସୂଚନା ପାଇଲା ପରେ ସଂଯୋଜକ ବିଭାଗ ଆବଶ୍ୟକୀୟ ବିଜ୍ଞପ୍ତି ଜାରି କରିବେ ।

୧୩. ସୂଚନା ଅଧିକାର ଆଇନ୍, ୨୦୦୫ର କାର୍ଯ୍ୟକାରିତା ଏବଂ ଅନ୍ୟ ସଂଶ୍ଲିଷ୍ଟ ବିଷୟଗୁଡ଼ିକ ଉପରେ ୨୩ ସେପ୍ଟେମ୍ବରରେ ହେବାକୁ ଯାଉଥିବା ଜିଲ୍ଲାପାଳ ସମ୍ମିଳନୀରେ ଏକ ସବିଶେଷ ଆଲୋଚନା କରାଯିବ । ସାଧାରଣ ପ୍ରଶାସନ ବିଭାଗ ଏହି ବିଷୟ ପ୍ରତି ଧ୍ୟାନ ଦେବେ ।

୧୪. ସଂଯୋଜକ ବିଭାଗ, ଅର୍ଥାତ୍ ସୂଚନା ଏବଂ ଲୋକସଂପର୍କ ବିଭାଗ ସମସ୍ତ ପ୍ରଶାସନିକ ବିଭାଗଗୁଡ଼ିକର ପି.ଆଇ.ଓ., ଏ.ପି.ଆଇ.ଓ. ଏବଂ ୧ମ ଅପିଲ୍ କର୍ତ୍ତୃପକ୍ଷମାନଙ୍କର ଏକ ସୂଚନା ପୁସ୍ତିକା ଅନୁରକ୍ଷଣ କରିବେ ।

୧୫. ଆଇନ୍‌ର ଏକ ଓଡିଆ ସଂସ୍କରଣ  ସୂଚନା ଏବଂ ଲୋକସଂପର୍କ ବିଭାଗଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଏବଂ ସରକାରୀ ମୁଦ୍ରଣାଳୟରେ ଛପାଯିବ ଏବଂ ପି.ଡି.ଏଫ୍. ଫର୍ମାଟ୍‌ରେ ଉପଲବ୍ଧ ହେବ ।

ଅଧ୍ୟକ୍ଷ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରାଗଲା ପରେ ବୈଠକ ଉଦ୍‌ଯାପିତ ହୋଇଥିଲା ।

ଡକ୍ଟର୍ ସୁବାସ ପାଣି

**ମୁଖ୍ୟ ଶାସନ-ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର୍**

**ସଂଶ୍ଳିଷ୍ଟ ନଥି- 'ଏ'**

**ନିମ୍ନୋକ୍ତ ସଦସ୍ୟଗଣ ଉପସ୍ଥିତ ଥିଲେ ।**

**୧. ଉନ୍ନୟନ କମିଶନର୍ ଏବଂ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ-ସଚିବ**
**୨. ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ**
**୩. ଗୃହ ବିଭାଗର ପ୍ରମୁଖ ଶାସନ ସଚିବ**
**୪. ସ୍ୱତନ୍ତ୍ର ସଚିବ, ଗୃହ ବିଭାଗ**
**୫. କମିଶନର୍-ସଚିବ, ପଞ୍ଚାୟତିରାଜ ବିଭାଗ**
**୬. କମିଶନର୍-ସଚିବ, ସୂଚନା ଓ ଲୋକସଂପର୍କ ବିଭାଗ**
**୭. ସରକାରଙ୍କ ଅତିରିକ୍ତ ସଚିବ, ରାଜସ୍ୱ ବିଭାଗ**
**୮. ସରକାରଙ୍କ ଅତିରିକ୍ତ ସଚିବ, ଅର୍ଥ ବିଭାଗ**
**୯. ମୁଖ୍ୟ କାର୍ଯ୍ୟନିର୍ବାହୀ, ଓ.ସି.ଏ.ସି. ଏବଂ ନିର୍ଦ୍ଦେଶକ, ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ**
**୧୦. ସରକାରଙ୍କ ଅତିରିକ୍ତ ସଚିବ, ସାଧାରଣ ପ୍ରଶାସନ ବିଭାଗ**

(Translated from original English text by Chitta Behera, 4A Jubilee Tower, Choudhuy Bazar, Cuttack-9, PH: 0671- 2308518, Mobile:9437577546, Email: chittabehera1@yahoo.co.in, dt 21.9.07)